# ବିଷାକ୍ତ ଜୀବନାଶକର ନିରାପଦ ବ୍ୟବହାର

**ବିଷାକ୍ତ ଜୀବନାଶକର ସଠିକ ଉପଯୋଗ ସମୟରେ ବିଭିନ୍ନ ସାବଧାନତା ଗ୍ରହଣ କରିବା ଆବଶ୍ୟକ ।  ଏହାର ଅସୁରକ୍ଷିତ ବ୍ୟବହାର ଯୋଗୁଁ ଅନେକ ସମୟରେ ପରିବେଶ ପ୍ରଦୂଷିତ ହେବା ସହିତ ବିଷାକ୍ତ ଜୀବନାଶକ ପାଣି, ପବନ ଏବଂ ଖାଦ୍ୟ ପଦାର୍ଥ ମାଧ୍ୟମରେ ଆମ ଶରୀରରେ ପ୍ରବେଶ କରି କ୍ଷତି ଘଟାଇଥାଏ । ଏଣୁ ଏହାର ନିରାପଦ ଓ ସଠିକ ବ୍ୟବହାର ପ୍ରତି ବିଶେଷ ଯତ୍ନବାନ ହେବା ଦରକାର । ଏହାକୁ ନିରାପଦରେ କିପରି ବ୍ୟବହାର କରିବା ସେହି ସମ୍ବନ୍ଧୀୟ କିଛି  ଗୁରୁତ୍ୱପୂର୍ଣ୍ଣ ବିଷୟ ଏଠାରେ ଦର୍ଶାଇ ଦିଆଯାଇଛି ।**

## ୧



ସବୁବେଳେ ଜୀବନାଶକ ଶୁଖିଲା ସ୍ଥାନରେ, ଗୃହପାଳିତ ପଶୁ, ପକ୍ଷୀ ଓ ପିଲାମାନଙ୍କଠାରୁ ଦୂରରେ ତାଲା ପକେଇ ରଖନ୍ତୁ ।

## ୨



ଯେତେବେଳେ ତରଳ ଜୀବନାଶକକୁ ସିଞ୍ଚନ ଯନ୍ତ୍ରରେ ଢାଳୁଛନ୍ତି, ତାହା ଯେମିତି ଛିଟିକି ନ ଆସେ ତାହା ପ୍ରତି ଯତ୍ନବାନ ହୁଅନ୍ତୁ ।

## ୩



ଛୋଟ ପିଲା ଓ ବୃଦ୍ଧ ବ୍ୟକ୍ତିଙ୍କୁ ଜୀବନାଶକ ସିଞ୍ଚନରେ ନିୟୋଜିତ କରନ୍ତୁ ନାହିଁ ।

## ୪



ଜୀବନାଶକ ସିଞ୍ଚନ ସମୟରେ ଆଖିରେ ଚଷମା, ମୁହଁରେ ମୁଖା ବା ମାସ୍କ, ହାତରେ ଗ୍ଲୋବସ, ଶରୀରରେ ଆପ୍ରନ, ମୁଣ୍ଡରେ ଟୋପି ଓ ଗୋଡରେ ଯୋତା ପିନ୍ଧି ଶରୀରକୁ ସଂପୂର୍ଣ୍ଣ ଘୋଡାଇ ରଖନ୍ତୁ ।

## ୫



ଜୀବନାଶକକୁ ପ୍ରୟୋଗ ସମୟରେ ତାହା ଯେମିତି ଦେହରେ ଛିଟିକି ନ ପଡେ ତାହା  ପ୍ରତି ଯତ୍ନବାନ ହୁଅନ୍ତୁ ।

## ୬



ଜୀବନାଶକ ମିଶ୍ରଣ ପ୍ରସ୍ତୁତ ଓ ପ୍ରୟୋଗ ସମୟରେ ଖାଦ୍ୟ ଖାଆନ୍ତୁ ନାହିଁ, ପାଣି ପିଅନ୍ତୁ ନାହିଁ କିମ୍ବା ଧୂମ୍ରପାନ କରନ୍ତୁ ନାହିଁ ।

## ୭



ସିଞ୍ଚନ ଯନ୍ତ୍ରର ନୋଜଲକୁ ମୁହଁରେ ଫୁଙ୍କି ସଫା କରନ୍ତୁ ନାହିଁ ।



## ୮



ଛୋଟ ପିଲା, ରୋଗୀ, ଗର୍ଭବତୀ ମହିଳା, ବୃଦ୍ଧ ବ୍ୟକ୍ତି ତଥା ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ଜୀବନାଶକ ମିଶ୍ରଣ ପ୍ରସ୍ତୁତ ଓ ସିଞ୍ଚନ ସମୟରେ ପାଖରେ ରଖନ୍ତୁ ନାହିଁ ।

## ୯



ଜୀବନାଶକ ପ୍ରୟୋଗ ପରେ ବ୍ୟବହାର କରିଥିବା ପୋଷାକକୁ ଭଲ ଭାବରେ ଧୁଅନ୍ତୁ ଓ ସାବୁନ ଲଗାଇ ଗାଧୋଇ ନିଅନ୍ତୁ ।

## ୧୦



ଯଦି କୌଣସି ବ୍ୟକ୍ତି ବିଷ  ଦ୍ୱାରା ସଂକ୍ରମିତ ହୁଅନ୍ତି ତେବେ ତୁରନ୍ତ ପାଖରେ ଥିବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

IRRI International Rice Research Institute
CGIAR